# Akashvani, Sambalpur

## SAMBALPURI NEWS EVENING BULLETIN

## 22.3.2025- 7.02 pm- 7.12 pm.

**********************************************

୧- ଜଲ୍ ସମସ୍ୟା ଆଉ ସଂରକ୍ଷଣ ବାବ୍‌ଦେ ସଚେତନ୍ କର୍‌ବାର୍ ଲାଗି ଆଏଜ୍ ପାଲନ୍ ହେଲା ବିଶ୍ୱ ଜଲ୍ ଦିବସ୍ ।

-ଭବିଷ୍ୟତ୍ ପିଢ଼ି ଲାଗି ଜଲ୍ ସଂରକ୍ଷଣ ଜରୁରୀ- କହେଲେ ପ୍ରଧାନମନ୍ତ୍ରୀ

୨- ଜାତୀୟ ଶିକ୍ଷାନୀତି ଅନ୍‌ସାରେ ୧ କ୍ଲାସ୍‌ଥି ନାଁଲେଖା ବୟସ ସୀମାକେ ବଢ଼ାଲେ ରାଜ୍ୟ ସରକାର ।

୩- ଶକ୍ତି ସଂରକ୍ଷଣକେ ତହଁକାବାର୍ ଲାଗି ଆଉ କିଛି ସମିଆ ଉତ୍‌ରୁ ପାଲନ୍ ହେବା ଆର୍ଥ ଆୱାର୍ ।

ଆଉର୍

୪- ପଶ୍ଚିମାଝଡ଼ ପ୍ରଭାବ୍‌ଥି ଆଏଜ୍ ରାଏଜର୍ ବଡ଼ଭାଗି ଜାଗାନ ଧୁକାଗର୍ଡି ଆଉ ବର୍ଷା ହେଇଛେ ।

ବିଶ୍ୱ ଜଳ ଦିବସ ଆର୍‌ଏନ୍‌ୟୁ/ କଟକ୍

ପାଏନ୍ ହେଉଛେ ପ୍ରକୃତିର୍ ଉପାଦାନ୍ । ଇଟା ମୁନୁଷ୍ ଆଉ ପ୍ରାଣୀ ଜାତିର୍ ମଙ୍ଗଲ୍ ଲାଗି ଉଦ୍ଦିଷ୍ଟ ଆଏ । ପାଏନ୍ ସମସ୍ୟା ବାବ୍‌ଦେ ସଚେତନତା ସୃଷ୍ଟି କର୍‌ବାର୍ ଆଉ ସମସ୍ୟାର୍ ସମାଧାନ୍ ଲାଗି ଦର୍‌କାରୀ ପଦକ୍ଷେପ୍ ନେବାର୍ ଲକ୍ଷ୍ୟ ନେଇକରି ୧୯୯୩ ମସିହାନୁ ଆଝିର୍ ଦିନ୍‌କେ ବିଶ୍ୱ ଜଲ୍ ଦିବସ୍ ଭାବେ ପାଲନ୍ କରାଯାଉଛେ । ଇ ବଛରର୍ ବିଶ୍ୱ ଜଲ୍ ଦିବସର୍ ବାର୍ତା ହଉଛେ 'ହିମ ଧାରାର୍ ସୁରକ୍ଷା' ଗ୍ଲେସିୟର୍ ପ୍ରିଜର୍ଭେସନ୍ । ବିଶ୍ୱ ତାପନ୍ ଲାଗି ବରଫ୍ ତର୍‌ଲିକରି ଦିନୁ ଦିନ୍‌କେ ସମୁଦ୍ରର୍ ଜଲ୍‌ସ୍ତର୍ ବଢ଼୍‌ବାର୍‌କେ ଲାଗିଛେ । ଇତାର୍ ସମ୍ଭାବ୍ୟ ବିପଦ୍‌ର ମୁବାକିଲା ଲାଗି ସାରାପୁର୍‌ଥିନ ଇହାଦେ ଗ୍ଲେସିଅର୍‌ର ସୁରକ୍ଷା ଦିଗେ ସଚେତନ୍‌ତା କାର୍ଯ୍ୟକ୍ରମ୍‌ମାନ୍ କରାଯାଉଛେ ।

୨୦୩୦ ମସିହା ତକ୍ ପୁର୍‌ଥିର୍ ସବୁ ଲୁକ୍‌କୁ ସଫା ପିଇବାର୍ ପାଏନ୍ ଯୁଗାବାର୍ ଇ ଦିବସ୍ ପାଳନ୍‌ର ଆର୍‌ଗୁଟେ ଲକ୍ଷ୍ୟ ଆଏ ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିଶ୍ୱ ଜଲ୍ ଦିବସ୍ ଅବ୍‌ସରେ କହିଛନ୍, ଆମର୍ ଆଏବା ପିଢ଼ି ଲାଗି ଜଲ୍ ସଂରକ୍ଷଣ ବହୁତ୍ ଜରୁରୀ ଆଏ । ଜଲ୍ ସଂରକ୍ଷଣକେ ତହଁକାବାର୍ ଲାଗି ସରକାରଙ୍କର ପ୍ରତିବଦ୍ଧତା ବାବ୍‌ଦେ ପ୍ରଧାନମନ୍ତ୍ରୀ କହିଛନ୍ । ଜଲ୍ ହଉଛେ ସଭ୍ୟତାର୍ ଜୀବ ନ୍‌ରେଖା ଆଉ ଭବିଷ୍ୟତ୍ ପିଢ଼ି ଲାଗି

ଇତାକେ ସୁରକ୍ଷିତ୍ ରଖିବାର୍‌ଟା ଖୁବ୍ ଜରୁରୀ ବଲି ପ୍ରଧାନମନ୍ତ୍ରୀ କହିଛନ୍ ।

ବିଶ୍ୱ ଜଲ୍ ଦିବସ୍ ପାଳନ୍ ଅବ୍‌ସରେ ହରିଆନାର୍ ପଂଚକୁଲାଠାନେ କେନ୍ଦ୍ର ଜଲ୍ ଶକ୍ତି ମନ୍ତ୍ରୀ ସି.ଆର୍. ପାଟିଲ ସାରାଦେଶର୍ ଲାଗି 'ଜଲ୍ ଶକ୍ତି ଅଭିଯାନ୍; କେଚ୍ ଦି ରେନ୍-୨୦୨୫'ର ଶୁଭାରମ୍ଭ କରିଛନ୍ ।

ଇନ ଜନେଇ ଦିଆଯାଇପାରେ ଯେ ପୁର୍‌ଥିର ପାଖାପାଖି ୨ ଶହ ୨୦ କୋଟି ଲୁକେ ସଫା ପିଇବାର୍ ପାଏନ୍‌ନାଇ ପାଇପାର୍‌ବାର୍ । ଜଲବାୟୁ ପରିବର୍ତନ୍, ଜନସଂଖ୍ୟା ବୃଦ୍ଧି, ପ୍ରଦୂଷଣ, ବଢ଼ତି ଶିଳ୍ପ ପ୍ରତିଷ୍ଠାନ୍ ଲାଗି ଜଲ୍ ସଙ୍କଟ୍ ବଡ଼ଟେ ସମସ୍ୟା ଭାବେ ଉଭା ହେଲାନ । ହେଥିର ଲାଗି ଇତାର୍ ସମାଧାନର ପଦକ୍ଷେପ୍ ନେବାର୍‌କେ ସଭେ ଚେରେଷ୍ଟା କର୍‌ବାର୍ ଲାଗି ଇ ଦିବସ୍ ପାଳନ କରାଯାଉଛେ ।

ନାଁ ଲେଖା ବୟସ କୋହଳ I&PR

ଜାତୀୟ ଶିକ୍ଷା ନୀତି ଅନ୍‌ସାରେ ରାଏଜର୍ ବିଦ୍ୟାଳୟମାନ୍‌କେ ୧ କ୍ଲାସ୍‌ଥି ନାଁ ଲେଖା ଲାଗି ବୟସ୍ ସୀମାକେ ନେଇକରି କେହେନ୍‌ସି ଦ୍ୱନ୍ଦ୍ୱ ନାଇନ ବଲି ବିଦ୍ୟାଳୟ ଆଉ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ । କେନ୍ଦ୍ର ସରକାରଙ୍କ

ମାର୍ଗଦର୍ଶିକା ଅନ୍‌ସାରେ ମାର୍ଚ ୩୧ ତାରିଖ୍ ତକ୍ ଛୁଆମାନଙ୍କୁ ୬ ବଛର୍ ହେବାର୍ ଦର୍‌କାର ଥିଲା । ହେଲେ ଇଥିର୍ ଲାଗି ବହୁତ୍‌ଟେ ଛୁଆ ବାଦ୍ ପଡ଼ି ଯାଉଥିବାର୍‌ନୁ ରାଜ୍ୟ ସରକାର ବସୟ ସୀମାକେ କୋହଲ କରିକରି ସେପ୍ଟେମ୍ବର ୧ ତାରିଖ୍ କରିଛନ୍ । ଯେନ୍‌ଥିର୍ ଲାଗି ଆଉ କେହେନ୍‌ସି ଛୁଆ ନାଁଲେଖାନୁ ବାଦ୍ ନାଇ ପଡ଼ନ୍ । ରାଏଜେ ନୂଆ ଶିକ୍ଷାନୀତି ଲାଗୁ ହେବାର୍ ବାବ୍‌ଦେ ବହୁତ୍ ଲୋକ୍ ସଚେତନ୍ ନାଇ ଥାଇ, ଆଉ ହେଥିର୍ ଲାଗି ବଏସ୍ କୋହଲ କରାଯାଇଛେ ବଲି ମନ୍ତ୍ରୀ ଶ୍ରୀ ଗଣ୍ଡ କହିଛନ୍ ।

ଜାତୀୟ ଶିକ୍ଷାନୀତି କମିଟି  କଟକ ଡେସ୍କ

ଜାତୀୟ ଶିକ୍ଷାନୀତି ଲାଗୁ ହେବାର୍ ଉତ୍‌ରୁ ୧ନୁ ୮ କ୍ଲାସ୍ ଲାଗି ନୂଆ ପାଠ୍ୟକ୍ରମ୍ ଲାଗୁ ହେବା ବଲି ବିଦ୍ୟାଳୟ ଆଉ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ସୂଚ୍‌ନା ଦେଇଛନ୍ । ମନ୍ତ୍ରୀ କହିଛନ୍, ରାଏଜେ ଜାତୀୟ ଶିକ୍ଷାନୀତି ଲାଗୁ କର୍‌ବାର୍‌କେ ନେଇକରି ଗୁଟେ କମିଟି ଗଠନ୍ କରାଯାଇଛେ ଆଉ ଇ ବାବ୍‌ଦେ ପ୍ରସ୍ତୁତି ଜାରି ରହିଛେ । କେନ୍ଦ୍ର ସରକାରଙ୍କର ଜାତୀୟ ଶିକ୍ଷାନୀତି ଢ଼ାଂଚାଥି ରାଏଜେ ଭିଲ୍ ଭାଷା, ସଂସ୍କୃତି ଆର୍ ଐତିହ୍ୟକେ

ଆଧାର୍ କରି କରି ନୂଆ ପାଠ୍ୟକ୍ରମ୍ ବନାହେବା ବଲି ମନ୍ତ୍ରୀ ଶ୍ରୀ ଗଣ୍ଡ କହିଛନ୍...

(ଭଏସ୍ ଓଭର୍.......ମନ୍ତ୍ରୀ)

ମୁଖ୍ୟମନ୍ତ୍ରୀ ଅଭିଯୋଗ ଶୁଣାଣି ଆର୍ଏନ୍ୟୁ/ ସମ୍ବଲପୁର

ବିଧାନ୍ସଭା ବଜେଟ୍ ଅଧିବେଶନ୍ ଚାଲିଥିବାର୍‌ନୁ ଆଏବା ୨୪ ତାରିଖ୍ ସୋମ୍ବାର୍ ଦିନ ଭୁବ୍‌ନେଶ୍ୱର୍ ଠାନେ ମୁଖ୍ୟମନ୍ତ୍ରୀଙ୍କର୍ ଜନ ଅଭିଯୋଗ ଶୁଣାଣି ବନ୍ଦ ରହେବା । ଆଏବା ଶୁଣାଣି ତାରିଖ ଗଣମାଧମ୍ ଜରିଏ ଲୁକ୍‌କୁ ଜନେଇ ଦିଆଯିବା ବଲି ସାଧାରଣ ପ୍ରଶାସନ ଆଉ ସାଧାରଣ ଅଭିଯୋଗ ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

କଳାଭୂମି ଉତ୍ସବ୍ - I&PR

ଭୁବନେଶ୍ୱର ଓଡ଼ିଶା ହସ୍ତଶିଳ୍ପ ସଂଗ୍ରହାଳୟଠାନେ ୭ ନମ୍ବର କଳାଭୂମି ଉତ୍ସବ୍ ଆଏଜ୍ ଉଦ୍‌ଘାଟିତ୍ ହେଇଯାଇଛେ । ୫ ଦିନିଆ ଉତ୍ସବ୍‌କେ ହସ୍ତତନ୍ତ, ବୟନଶିଳ୍ପ ଆଉ ହସ୍ତଶିଳ୍ପ ବିଭାଗର କମିଶନର ଆଉ ଶାସନ ସଚିବ ଗୁହା ପୁନମ୍ ତାପସ୍ କୁମାର ଉଦ୍‌ଘାଟନ୍ କରିକରି ଓଡ଼ିଶାର ଗରିମାମୟ

ହସ୍ତତନ୍ତ ଆଉ ହସ୍ତଶିଳ୍ପର୍ ସମୃଦ୍ଧ ପରମ୍ପରାକେ ଆଗ୍‌କେ ନେବାର୍‌କେ ବିଭାଗ ସବୁବେଳ ପ୍ରତିଶ୍ରୁତିବଦ୍ଧ ବଲି କହିଛନ୍ । ଇ ଅବ୍‌ସରେ ପଦ୍ମଶ୍ରୀ ପ୍ରଭାକର ମହାରଣା ଆଉ ବିଭାଗର୍ ନିର୍ଦ୍ଦେଶକ୍ ଉପସ୍ଥିତ ଥିଲେ । ଉଦ୍‌ଘାଟନୀ କାର୍ଯ୍ୟକ୍ରମ ଉତ୍‌ରୁ 'ସ୍ଥାପତ୍ୟ: ଇଟିଙ୍ଗ୍ ଲାଇଭ୍‌ଲିହୁଡ୍ ଅନ୍ ଷ୍ଟୋନ୍' ଶିର୍ଷକ୍‌ଥି ଗୁଟେ କର୍ମଶାଳା ହେଇଥିଲା ।

ଯୋଗ ପୁରସ୍କାର ଆହ୍ୱାନ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ସମ୍ମାନଜନକ୍ ପ୍ରଧାନମନ୍ତ୍ରୀ ଯୋଗ ପୁରସ୍କାର-୨୦୨୫ ଲାଗି ଆୟୁଷ୍ ମନ୍ତ୍ରଣାଳୟ ତର୍‌ଫୁ ଆବେଦନ୍ ଆହ୍ୱାନ୍ କରାଯାଇଛେ । ଯୋଗ ର୍ ପ୍ରଚାର ପ୍ରସାର୍ ଆଉ ବିକାଶ ଦିଗେ ଉଲ୍ଲେଖନୀୟ ଅବ୍‌ଦାନ ଲାଗି ଇ ପୁରସ୍କାର୍ ଦିଆଯିବା । ଆବେଦନ୍‌ର ଶେଷ୍ ତାରିଖ୍ ମାର୍ଚ୍ଚ ୩୧ ତାରିଖ୍ ରହିଛେ । ଇ ବାବ୍‌ଦେ ଅଏତ୍‌କା ସୂଚ୍‌ନା
'innovate India.mygov.in' ଜରିଏ ମିଲିପାର୍‌ବା ।

ମନ୍ କି ବାତ୍ ଆର୍‌ଏନ୍‌ୟୁ/ କଟକ୍

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ୩୦ ତାରିଖ୍ ରଏବାର୍ ଦିନ ସଖାଲର୍ ୧୧ ବଜେ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍‌କର୍ ସାଙ୍ଗେ ବିଚାର୍ ବିନିମୟ କର୍‌ବେ । ଇଟା ତାଙ୍କର୍ ଶହେ ୨୦ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା । ଇଥିର୍‌ଲାଗି ସାଧାରଣ୍ ଲୁକ୍‌କର୍ ମତାମତ୍ ମଗାହେଇଛେ । ଲୁକେ ନମୋ ଆପ୍ ଆର୍ ମାଇ ଗଭ୍ ପୋର୍ଟାଲ୍‌ଥି ସେମାନ୍‌କର୍ ମତମତ୍ ଦେଇପାର୍‌ବେ । ଇତାର୍‌ଛଡ଼ା ୧୮୦୦-୧୧-୭୮୦୦ ଡାଏଲ୍ କରିକରି ନିଜେ ନିଜର୍ ମତାମତ୍ ରେକର୍ଡ୍ କରେଇପାର୍‌ବେ । ୧୯୨୨ ନମ୍ବର୍‌କେ ମିସଡ୍ କଲ୍ ଦେଇକରି ଏସ୍‌ଏମ୍‌ଏସ୍ ଜରିଏ ନିଜର୍ ମତାମତ୍ ଆଏବା ୨୫ ତାରିଖ୍ ଭିତ୍‌ରେ ଦେଇପାର୍‌ବେ ।

ଆର୍ଥ ଆୱାର୍  ଆର୍‌ଏନ୍‌ୟୁ/ ସମ୍ବଲପୁର

ପୁର୍‌ଥିର୍ ସୁରକ୍ଷା ଲାଗି ଫି ବଛର୍ ମାର୍ଚ୍ଚ ମାସର୍ ଶେଷ୍ ଶନିବାର୍ ଦିନ ଆର୍ଥ ଆୱାର୍ ପାଲନ୍ କରାଯାଏସି । ଇ ସମିଆଥି ପୁର୍‌ଥିବାସୀ ଗୁଟେ ଘଂଟା ଲାଗି ନିଜର୍ ବିଜ୍‌ଲିର୍ ଅଦର୍‌କାରୀ ବେଭାର୍‌କେ ବନ୍ଦ କର୍‌ସନ । ଯେତ୍‌କି ଦର୍‌କାର ଲାଇଟ୍ ଜାଲିକରି ବାକି ସବୁ ବନ୍ଦ ରଖ୍‌ସନ୍ । ଆଏଜ୍ ଇ ଅବ୍‌ସରେ

ରାଜ୍ୟବାସୀଙ୍କୁ ରାତି ସାଢ଼େ ୮ନୁ ସାଢ଼େ ୯ବଜେ ତକ୍ ଅଦର୍‌ବାରୀ ବିଜ୍‌ଲି ବେଭାର୍‌କେ ବନ୍ଦ କର୍‌ବାର ଲାଗି ରାଜ୍ୟ ସରକାରଙ୍କର୍ ତର୍‌ଫୁ ନିବେଦନ୍ କରାଯାଇଛେ ।

ଇନଜନେଇ ଦିଆଯାଇପାରେ ଯେ ୨୦୦୭ ମସିହା ନ ଅଷ୍ଟ୍ରେଲିଆର ସିଡ୍‌ନୀଠାନେ ଇ ଅଭିଯାନ୍ ପହେଲାଥର୍ ଲାଗି ମୁଲ୍ ହେଇଥିଲା ।

ବାଏଲ୍ ଖନନ ଏସ୍‌ଓପି- ହି.ସ.

ରାଏଜେ ବେଆଇନ୍ ବାଏଲ୍ ଚାଲାଣ ରୁକ୍‌ବାର୍ ଲକ୍ଷ୍ୟଥି ବାଏଲ୍ ଖାଦାନ୍ ପରିଚାଳନା ଲାଗି ଲଘୁ ଖଣିଜ ନିର୍ଦ୍ଦେଶାଳୟ ତର୍‌ଫୁ ଏସ୍‌ଓପି ଜାରି କରାଯାଇଛେ । ଇ ଏସ୍‌ଓପି ଅନ୍‌ସାରେ ବାଏଲ୍ ପରିଚାଳନା ଲାଗି ଫି ଜିଲ୍ଲାନ ଜିଲ୍ଲାପାଳମାନଙ୍କ ଅଧ୍ୟକ୍ଷତାଥି ଗୁଟେ ଗୁଟେ କମିଟି ଗଠନ୍ କରାଯିବା । କେନ୍ ଖାଦାନ୍‌ନୁ ବାଏଲ୍ ଉଠାଯିବା ସେଟା ଇ କମିଟି ହିଁ ଚୟନ୍ କର୍‌ବା । ପ୍ରଶାସନିକ୍ ଅଧିକାରୀ, ଖଣି, ବନ ଆଉ ରାଜସ୍ୱ ବିଭାଗର୍ ଅଧିକାରୀମାନେ କିମିଟିର୍ ସଦସ୍ୟ ରହେବେ ଆଉ ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ୍ କମିଟିର୍ ଆବାହକ୍ ଦାୟିତ୍ୱଥି ରହେବେ ବଲି ନିର୍ଦ୍ଦେଶାଳୟ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ହସ୍ତଶିଳ୍ପ ସଚେତନ୍ତା କାର୍ଯ୍ୟକ୍ରମ୍          ସୁବର୍ଣ୍ଣପୁର ସମ୍ବାଦଦାତ

ସୁବର୍ଣ୍ଣପୁର ଜିଲ୍ଲା ହସ୍ତଶିଳ୍ପ କାର୍ଯ୍ୟାଳୟ ତରଫୁ ହସ୍ତଶିଳ୍ପ ସଚେତନ୍ତା କାର୍ଯ୍ୟକ୍ରମ୍ ହେଇଯାଇଛେ । କାର୍ଯ୍ୟାଳୟର୍ ଉପନିର୍ଦ୍ଦେଶକ୍ ବନମାଳୀ ଟପ୍ପୋଙ୍କର ଅଧ୍ୟକ୍ଷତାଥି ହେଇଥିବା କାର୍ଯ୍ୟକ୍ରମ୍ଥି ଭିନ୍ ଭିନ୍ ବିଭାଗ୍ର ଅଧିକାରୀମାନେ ଯୋଗ୍ ଦେଇକରି ସରକାରଙ୍କ ଯୋଜ୍ନା ବାବ୍ଦେ ଆଲୋଚନା କରିଥିଲେ । ଇ ଅବ୍ସରେ ୨୦ନୁ ଅଏତ୍କା କାରିଗର୍ଙ୍କୁ ପରିଚୟପତ୍ର ଦିଆଯାଇଥିଲା । ୫ ଝନ୍ ହସ୍ତଶିଳ୍ପ କାରିଗରଙ୍କୁ କାର୍ଯ୍ୟାଦେଶ୍ ଭିଲ୍ ଦିଆଯାଇଥିଲା ।

ବୁଥ୍ ସ୍ତରେ ଏଜେଂଟ ନିଯୁକ୍ତି ବୈଠକ୍-    ଦେବଗଡ଼ ସମ୍ବାଦଦାତା

ଦେବଗଡ଼ ଜିଲ୍ଲା ବିକାଶ ଭବନ ସମ୍ମିଳନୀ କକ୍ଷନ ଜିଲ୍ଲାପାଳ ଆଉ ଜିଲ୍ଲା ନିର୍ବାଚନ ଅଧିକାରୀ କବୀନ୍ଦ୍ର ସାହୁଙ୍କର ଅଧ୍ୟକ୍ଷତାଥି ଭିନ୍ ଭିନ୍ ରାଜନୈତିକ୍ ଦଳର୍ ସଦସ୍ୟଙ୍କର୍ ସଙ୍ଗେ ପ୍ରଶାସନ୍ର ବୁଥ୍ ସ୍ତରେ ଏଜେଂଟ ନିଯୁକ୍ତି ବାବ୍ଦେ ଗୁଟେ ବୈଠକ୍ ହେଇଯାଇଛେ । ବୈଠକ୍ଥି ଫଟିକ୍ ନିର୍ବାଚନ୍

ପ୍ରକ୍ରିୟା ଲାଗି ନିର୍ଭୁଲ୍ ଭୋଟର୍ ତାଲିକା ବାବ୍ଦେ ଇ ଅବ୍ସରେ ଜିଲ୍ଲାପାଳ ଜୋର୍ ଦେଇଛନ୍ । ଆଏବା ୧୫ ଦିନ୍ ଭିତ୍ରେ ଏଜେଂଟ ନିଯୁକ୍ତି ପ୍ରକ୍ରିୟା ସାର୍ବାର୍ ଲାଗି ଜିଲ୍ଲାପାଳ ଇ ଅବ୍ସରେ ନିର୍ଦ୍ଦେଶ୍ ଦେଇଛନ୍ ।

ଯୁବ ସଂସଦ୍ କାର୍ଯ୍ୟକ୍ରମ- ବରଗଡ଼ ସମ୍ବାଦଦାତା

କେନ୍ଦ୍ର ସରକାରଙ୍କର ନେହରୁ ଯୁବକେନ୍ଦ୍ର ତର୍ଫୁ ବରଗଡ଼ ପଂଚାୟତ୍ କଲେଜ୍ଠାନେ ଏକ୍ ରାଷ୍ଟ୍ର ଏକ୍ ନିର୍ବାଚନ୍ ଉପ୍ରେ ଯୁବ ସଂସଦ୍ କାର୍ଯ୍ୟକ୍ରମ ହେଇଯାଇଛେ । ଇଥି ବରଗଡ଼, ବଲାଙ୍ଗୀର, ସୁବର୍ଣ୍ଣପୁର ଜିଲ୍ଲାର ବହୁତ୍ଟେ ପ୍ରତିଯୋଗୀ ଭାଗ୍ ନେଇଥିଲେ ।

ଜଙ୍ଗଲ ଦିବସ୍ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା କଂଟାମାଳ ସରକାରୀ ଉଚ୍ଚ ବିଦ୍ୟାଳୟ ଜୁନିଅର୍ ରେଡ୍କ୍ରସ୍ ତର୍ଫୁ ବିଶ୍ୱ ଜଙ୍ଗଲ ଦିବସ୍ ପାଳିତ୍ ହେଇଯାଇଛେ । କାର୍ଯ୍ୟକ୍ରମ୍ଥି ଜୈବ ବିବିଧତା, ଜଙ୍ଗଲ୍ ପ୍ରକାର ଭେଦ୍ ଆଉ ବନ୍ୟପ୍ରାଣୀ ସୁରକ୍ଷା ବାବ୍ଦେ ଆଲୋଚନା ହେଇଥିଲା । ଇ ଅବ୍ସରେ

ଛାତ୍ରଛାତ୍ରୀମାନଙ୍କର୍ ଭିତ୍‌ରେ ପରିବେଶ ଆଉ ଜଙ୍ଗଲ ସୁରକ୍ଷା ଉପ୍‌ରେ ଚିତ୍ରାଙ୍କନ୍ ପ୍ରତିଯୋଗିତା ହେଇଥିଲା ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ଦକ୍ଷିଣ ପର୍ଶ୍ଚିମ ମଧ୍ୟପ୍ରଦେଶନୁ ରାଜ୍ୟର୍ ଉତର ଭାଗ୍‌କେ ଛତିଶଗଡ୍ ଦେଇକରି ଲମିଥିବା ଘୂର୍ଣ୍ଣିବଳୟ ଆଉ ନିମ୍ନଚାପ ରେଖା ପ୍ରଭାବ୍‌ଥି ରାଜ୍ୟର୍ କେତେଟା ଜାଗାନ ଆଏଜ ଜବର୍ ଧୁକାଗର୍ଜି ଆଉ ବର୍ଷା ହେଇଛେ । ସୂଚ୍‌ନା ଅନ୍‌ସାରେ, ସମ୍ବଲପୁର, ଦେବଗଡ଼, ବରଗଡ଼, ସୁନ୍ଦରଗଡ଼, କେନ୍ଦୁଝର, ଗଞ୍ଜାମ, ଖୋର୍ଦ୍ଧା, କଟକ, ମୟୁରଭଞ୍ଜ, ଭଦ୍ରକ, ବାଲେଶ୍ୱର ଜିଲ୍ଲା ଇତାର୍ ବେଶୀ ପ୍ରଭାବ୍ ଦେଖ୍‌ବାର୍‌କେ ମିଳିଛେ । ଧୁକାଗର୍ଜି ଲାଗି ଗଂଜାମ ଜିଲ୍ଲାନ ଝନ୍‌କର ଜୀବନ୍ ଯିବାର ସହେତେ ଜବର୍ ନୁକ୍‌ସାନ ହେଇଛେ । ସେନ୍ତା ପୁରୀ ଜିଲ୍ଲାନ ଭିଲ୍ ଝନ୍‌କର ଜୀବନ୍ ଯାଇଛେ ।

ଧୁକାଗର୍ଜିକେ ନେଇକରି ସୁନ୍ଦରଗଡ଼, ଦେବଗଡ଼ ଜିଲ୍ଲା ଲାଗି ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ତର୍‌ଫୁ ଅରେଞ୍ଜ ଓ୍ୱାର୍ନିଂ ଜାରି କରାଯାଇଥିଲା ବେଲ୍‌କେ ପର୍ଶ୍ଚିମ ଓଡ଼ିଶାର ବଡ଼ଭାଗି ଜିଲ୍ଲା ଲାଗି ୟେଲୋ ଓ୍ୱାର୍ନିଂ ଜାରି କରାଯାଇଛେ ।